# DAV PUBLIC SCHOOL ,CHANDRASEKHARPUR,BHUBANESWAR-21

## NOTICE

**DATE-12.04.2018**

Dear Parents,

As per the directive of the Family Welfare Dept , Govt. of Odisha, Statewide National Deworming Drive is being conducted in the schools.

In this regard , Deworming Tablets Albendazole (400 mg) will be administered to the students of class 6 to 10 in the school ,only in the presence of their parents.

Hence,parents are requested to go through the leaflet provided and be there for the Deworming Administration of their ward positively as per the following schedule:

| CLASS | DATE | TIME | VENUE |
|---|---|---|---|
| VI | 17.04.2018 | 8.00 am to 9.30 am | Respective Classes |
| VII | 18.04.2018 | 8.00 am to 9.30 am | Respective Classes |
| VIII | 19.04.2018 | 8.00 am to 9.30 am | Respective Classes |
| IX | 20.04.2018 | 8.00 am to 9.30 am | Respective Classes |
| X | 21.04.2018 | 8.00 am to 9.30 am | Respective Classes |

SUPERVISOR 12/4/18

12/4/18 CO-ORDINATOR


# DAV PUBLIC SCHOOL ,CHANDRASEKHARPUR,BHUBANESWAR-21

## NOTICE

**DATE-12.04.2018**

Dear Parents,

As per the directive of the Family Welfare Dept , Govt. of Odisha, Statewide National Deworming Drive is being conducted in the schools.

In this regard , Deworming Tablets Albendazole (400 mg) will be administered to the students of class 6 to 10 in the school ,only in the presence of their parents.

Hence,parents are requested to go through the leaflet provided and be there for the Deworming Administration of their ward positively as per the following schedule:

| CLASS | DATE | TIME | VENUE |
|---|---|---|---|
| VI | 17.04.2018 | 8.00 am to 9.30 am | Respective Classes |
| VII | 18.04.2018 | 8.00 am to 9.30 am | Respective Classes |
| VIII | 19.04.2018 | 8.00 am to 9.30 am | Respective Classes |
| IX | 20.04.2018 | 8.00 am to 9.30 am | Respective Classes |
| X | 21.04.2018 | 8.00 am to 9.30 am | Respective Classes |

SUPERVISOR 12/4/18

12/4/18 CO-ORDINATOR


Scanned by CamScanner

## ଶିକ୍ଷକ ପ୍ରଶିକ୍ଷଣ ପୁସ୍ତିକା/ହ୍ୟାଣ୍ଡ ଆଉଟ୍

### ମନେରଖନ୍ତୁ

୧




ସମ୍ପୂର୍ଣ୍ଣ ଆଲବେଣ୍ଡାଜଲ ବଟିକା ୪୦୦ ମିଲି ଗ୍ରାମ୍ (ଚୋବେଇ ଖାଇବା ନିମନ୍ତେ ଉଦ୍ଦିଷ୍ଟ ବଟିକା)

୨



ପିଲାଙ୍କୁ ଏହି ବଟିକାଟିକୁ ଚୋବେଇ ଚୋବେଇ ଖାଇବାକୁ ପରାମର୍ଶ ଦିଅନ୍ତୁ ତେବେ ପାଖରେ ପିଇବା ପାଣି ରହିଥିବା ମଧ୍ୟ ସୁନିଶ୍ଚିତ କରାନ୍ତୁ ।

୩



ଛାତ୍ର/ଛାତ୍ରୀଙ୍କୁ ଆଲବେଣ୍ଡାଜଲ୍ ବଟିକା ଦେବାମାତ୍ରେ ପାଖରେ ଥିବା ବିଦ୍ୟାଳୟ ରେଜିଷ୍ଟରରେ ଯାହାକୁ ବଟିକା ଦିଆଗଲା ତୁରନ୍ତ ତାଙ୍କର ନାମରେ ଠିକ୍ ଚିହ୍ନ(✓) ଦେଇ ଦିଅନ୍ତୁ ।

୪



ଅସୁସ୍ଥ ଥିବା ବା ଅନ୍ୟ କୌଣସି ଔଷଧ ଖାଉଥିବା ପିଲାମାନଙ୍କୁ ଆଦୌ ଏହି ଔଷଧ ଖାଇବାକୁ ଦିଅନ୍ତୁ ନାହିଁ ।

୫



ଯେଉଁ ଛାତ୍ର/ଛାତ୍ରୀମାନେ ଜାତୀୟ କୃମିନାଶକ ଦିବସରେ ଆଲବେଣ୍ଡାଜଲ୍ ବଟିକା ଖାଇ ପାରିନାହାନ୍ତି ସେମାନଙ୍କୁ ମପ୍ ଅପ୍ ଦିବସରେ ଏହି ବଟିକା ଦେଇ ତାଙ୍କ ନାମରେ ଦୁଇଟି ଠିକ୍ ଚିହ୍ନ (✓✓) ଦେଇ ଦିଅନ୍ତୁ ।

୬



ରେଜିଷ୍ଟରରେ ଗୋଟିଏ (✓) ଓ ଦୁଇଟି ଠିକ୍ ଚିହ୍ନ (✓✓) ଦିଆଯାଇଥିବା ପିଲାଙ୍କର ସଂଖ୍ୟା ସଠିକ୍ ଭାବେ ଗଣନ୍ତୁ ଓ ମୋଟ କେତେ ଜଣ ପିଲାଙ୍କୁ ଆପଣ କୃମି ନାଶକ ବଟିକା ଖୁଆଇଲେ ତାହାର ସୂଚନା ସହିତ ବଳକା ବଟିକାଗୁଡ଼ିକୁ ପ୍ରଧାନ ଶିକ୍ଷକଙ୍କୁ ଫେରାଇ ଦିଅନ୍ତୁ ।

### ଏହି ବଟିକା ପିଲା ଓ ବୟସ୍କ ସଭିଙ୍କ ପାଇଁ ନିରାପଦ

- ଅଧିକ କୃମି ସଂକ୍ରମଣ ହୋଇଥିବା ପିଲାଙ୍କ ଠାରେ ମୁଖ୍ୟତଃ ଦେହ ଅସୁସ୍ଥ ଲାଗିବା, ପେଟରେ ସମାନ୍ୟ ଯନ୍ତ୍ରଣା ହେବା, ବାନ୍ତି ହେବା, ତରଳ ଝାଡା ହେବା ଓ ଥକା ଲାଗିବା ଭଳି କେତେକ ଲକ୍ଷଣ ଦଖାଯାଏ ।

- ଏଭଳି ପାଶ୍ୱ ପ୍ରତିକ୍ରିୟା ଅତି ସାଧାରଣ ଅଟେ ଓ ବିଦ୍ୟାଳୟ ସ୍ତରରେ ଏହାର ପରିଚାଳନା କରବା ସମ୍ଭବ ।

- ଯଦି କୌଣସି ଛାତ୍ର/ଛାତ୍ରୀ ଠାରେ ପାର୍ଶ୍ୱ ପ୍ରତିକ୍ରିୟା ହୁଏ, ତେବେ ତାଙ୍କୁ ବିଦ୍ୟାଳୟରେ ଗୋଟିଏ ଛାଇ ପଡୁଥିବା ଖୋଲା ସ୍ଥାନରେ ଶୁଆଇ ଦିଅନ୍ତୁ ଓ ପାଣି ପିଇବାକୁ ଦିଅନ୍ତୁ ।



- ଆଲବେଣ୍ଡାଜୋଲ୍ ସହଜରେ ଚୋବେଇ ଖାଇ ହେଲା ଭଳି ବଟିକା,ତଥାପି ଯଦି କୌଣସି ଛାତ୍ର/ଛାତ୍ରୀଙ୍କ ଏହାକୁ ଢ଼ୋକିଲା ବେଳେ ତଟିଂରେ ଲାଗିଯାଏ ତେବେ ତାଙ୍କୁ ନଇଁବାକୁ କୁହନ୍ତୁ ଏବଂ ତାଙ୍କର ପିଠିକୁ ହାଲୁକା ଭାବେ ବାଡାନ୍ତୁ ଯେମିତି ବଟିକାଟି ବାହାରି ଆସିବ ।

- ଯଦି ପିଲାଟି ତଥାବି ସୁସ୍ଥ ନହୁଏ ତେବେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ କିମ୍ୱା ୧୦୮ ନମ୍ବରରେ ଫୋନ୍ କରନ୍ତୁ ।

### ବାରମ୍ୱାର ପଚାରିଲା ଭଳି ପ୍ରଶ୍ନ

**୧. କେତେକ ପିଲା ସମ୍ପୂର୍ଣ୍ଣ ସୁସ୍ଥ ଦେଖା ଯାଉଛନ୍ତି, ମୁଁ କାହିଁକି ସମସ୍ତ ପିଲମାନଙ୍କୁ କୃମି ନାଶକ ବଟିକା ଖାଇବାକୁ ଦେବି**

- ଗୋଷ୍ଠୀରେ କୃମି ସଂକ୍ରମଣ ନିୟନ୍ତ୍ରଣ କରିବା ନିମନ୍ତେ ସମସ୍ତ ପିଲାଙ୍କୁ କୃମି ନାଶକ ବଟିକା ଖୁଆଇବା ଆବଶ୍ୟକ ।
- ପିଲାମାନଙ୍କର ଶରୀରରେ ଦୀର୍ଘଦିନ ଧରି କୃମି ସଂକ୍ରମଣ ହୋଇଥିଲେ ମଧ୍ୟ କୌଣସି ଲକ୍ଷଣ ପ୍ରକାଶ ପାଏନାହିଁ । କିନ୍ତୁ ଏହାର ସେମାନଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ତଥା ପିଲାଟିର ସାମଗ୍ରିକ ବିକାଶ ଉପରେ ଅନେକ ନକରାତ୍ମକ ପ୍ରଭାବ ପଡେ । କୃମି ନାଶକ ବଟିକା ଶରୀରରେ କୃମି ସଂକ୍ରମଣକୁ ନିୟନ୍ତ୍ରଣ କରିଥାଏ ।
- କୃମି ନାଶକ ବଟିକା ସୁରକ୍ଷିତ ଓ ସମସ୍ତ ପିଲାଙ୍କ ନିମନ୍ତେ ପ୍ରଭାବଶାଳୀ ଅଟେ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ) ଓ ଭାରତ ସରକାରଙ୍କର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ କୃମି ମୁକ୍ତି ଦିବସରେ ଏହି କୃମି ନାଶକ ବଟିକା ସେବନ କାର୍ଯ୍ୟକ୍ରମ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି । କୃମି ସଂକ୍ରମଣ ହୋଇଛି କି ନାହିଁ ଏହା ଜାଣିବା ପାଇଁ ଜଣ ଜଣ କରି ସବୁ ପିଲାଙ୍କୁ ପରୀକ୍ଷା କରିବା ସମ୍ଭବ ନୁହେଁ ତେଣୁ ୧ ବର୍ଷ ବୟସରୁ ଆରମ୍ଭ କରି ୧୯ ବର୍ଷ ବୟସର ସମସ୍ତ ପିଲାଙ୍କୁ ଏକ ନିର୍ଦ୍ଦିଷ୍ଟ ଦିନ(ଜାତୀୟ କୃମି ମୁକ୍ତି ଦିବସ)ରେ ଏହି ବଟିକା ସେବନ କରିବା ପାଇଁ ଦିଆଯାଉଛି ।
- କୃମି ନାଶକ ଔଷଧ ପିଲାମାନଙ୍କର ଉଭୟ ମାନସିକ ଓ ଶାରୀରିକ ବିକାଶରେ ସହଯୋଗ କରେ ।

**୨. ଏହି ବଟିକା କ'ଣ ଖାଲି ପେଟରେ ଦିଆଯାଇ ପାରିବ ?**

ହଁ, ପିଲା ଖାଲି ପେଟରେ ଥିଲେ ମଧ୍ୟ ଏହି ବଟିକା ଖାଇପାରିବେ । ତେବେ ଏହି ବଟିକା ଟିକୁ ଖାଇବା ସମୟରେ ସଠିକ ଭାବରେ ଚୋବାଇବା ପାଇଁ ପିଲାମାନଙ୍କୁ ନିର୍ଦ୍ଦେଶ ଦେବା ଆବଶ୍ୟକ । ୧ ବର୍ଷରୁ ୨ ବର୍ଷ ବୟସର ପିଲାମାନଙ୍କୁ ଫାଳେ ବଟିକାକୁ ପାଣିରେ ଗୋଳାଇ ଖୁଆଇ ଦିଅନ୍ତୁ ।

**୩. ଜାତୀୟ କୃମିନାଶକ ଦିବସରେ ମୋତେ ରିପୋର୍ଟିଂ ଦାୟୀତ୍ୱ କାହିଁକି ପ୍ରଦାନ କରାଗଲା ?**

କୃମି ନାଶକ ବଟିକା ଖାଇଥିବା ପ୍ରତ୍ୟେକ ଶିଶୁ ବିଷୟରେ ସଠିକ୍ ସମୟରେ ରିପୋର୍ଟ ହେବା ଜରୁରୀ ଏହାଦ୍ୱାରା କାର୍ଯ୍ୟକ୍ରମର ସଫଳତା ନିର୍ଦ୍ଧାରଣ କରିବା ସହଜ ହୁଏ । ଏହି ପ୍ରକ୍ରିୟାରେ ଆପଣଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

### ଜରୁରୀ ସୂଚନା

- ପ୍ରଶିକ୍ଷଣ ସମୟରେ ଆପଣ ଜାତୀୟ କୃମିନାଶକ ଦିବସ କିଟ୍‌ରେ ଆପଣ ସମସ୍ତ ଆବଶ୍ୟକୀୟ ଜିନିଷ ଓ କାଗଜପତ୍ର ପାଇଥିବା ସୁନିଶ୍ଚିତ କରନ୍ତୁ ।

  ବଟିକା + ଏହି ହ୍ୟାଣ୍ଡ ଆଉଟ୍ + ଆଇଇସି + ରିପୋର୍ଟିଂ ଫର୍ମ = ଜାତୀୟ କୃମିନାଶକ ଦିବସ କିଟ୍

- ପ୍ରଶିକ୍ଷଣ ପରେ ଆପଣ କ'ଣ ଶିଖିଲେ ଅନ୍ୟ ଶିକ୍ଷକମାନଙ୍କ ସହିତ ଆଲୋଚନା କରନ୍ତୁ ଓ ଏହି ପ୍ରଶିକ୍ଷଣ ସମୟରେ ଦିଆଯାଇଥିବା ପ୍ରଶିକ୍ଷଣ ସାମଗ୍ରୀକୁ ଅନ୍ୟ ଶିକ୍ଷକମାନଙ୍କୁ ପଢ଼ିବାକୁ ଦିଅନ୍ତୁ ।

ଛାତ୍ର/ଛାତ୍ରୀମାନଙ୍କୁ ଏକ ସୁନ୍ଦର ଭବିଷ୍ୟତ ଦେବା ନିମନ୍ତେ ଆପଣ ପୂର୍ଣ୍ଣ ଆଗ୍ରହ ସହକାରେ ନିଜ ଦାୟୀତ୍ୱକୁ ସଠିକ୍ ରୂପେ ନିର୍ବାହ କରନ୍ତୁ ।

Scanned by CamScanner

## କୃମି କିଭଳି ବ୍ୟାପନ୍ତି ?

୧. ସଂକ୍ରମିତ ପିଲାର ମଳରେ ଥିବା କୃମି ଅଣ୍ଡା ମାଟିକୁ ପ୍ରଦୂଷିତ କରିଥାଏ । ଏହି ଅଣ୍ଡା ମାଟିରେ ଲାର୍ଭାରେ ରୂପାନ୍ତରିତ ହୋଇଥାଏ ।

୨. ଅନ୍ୟ ପିଲାମାନେ ଖାଦ୍ୟ ଓ ମଇଳା ହାତରେ ଯାଉଥିବା କୃମି ଅଣ୍ଡା ଦ୍ୱାରା ସଂକ୍ରମିତ ହୋଇଥା'ନ୍ତି କିମ୍ବା ଚର୍ମ ଦେଇ ଲାର୍ଭା ଶରୀରରେ ପ୍ରବେଶ କରିଥାଏ ।

୩. ସଂକ୍ରମିତ ପିଲା ଶରୀରରେ ଅଣ୍ଡା ଓ ଲାର୍ଭା ବଡ଼ କୃମିର ଆକାର ଧାରଣ କରିଥାଏ । ଏହି କୃମିଗୁଡ଼ିକ ଅଣ୍ଡା ଦେବା ସହ ପିଲାର ଶରୀର ଅସୁସ୍ଥ କରିଦେଇଥାଏ ।



## କୃମିଯୋଗୁ ଶିଶୁକୁ ହେଉଥିବା କ୍ଷତି

• ରକ୍ତହୀନତା, • ପୌଷ୍ଟିକ ଅଭାବ, • ଭୋକ ନହେବା, • ଦୁର୍ବଳ ଓ ବିଚଳିତ ଲାଗିବା, • ପେଟ କାଟିବା, • ଦେହ ଅସୁସ୍ଥ ଲାଗିବା, • ବାନ୍ତି ଲାଗିବା, • ତରଳ ଝାଡ଼ା ହେବା, • ମଳରେ ରକ୍ତ ପଡ଼ିବା

• ପିଲାର ଶରୀରରେ ଯେତେ ଅଧିକ ପରିମାଣର କୃମି ଥିବେ, ସଂକ୍ରମିତ ଶିଶୁ ଶରୀରରେ ସେତେ ଅଧିକ ଲକ୍ଷଣମାନ ଦେଖିବାକୁ ମିଳିବ ।

• ଯେଉଁ ଶିଶୁମାନେ କୃମି ଦ୍ୱାରା ଅଳ୍ପ ସଂକ୍ରମିତ ହୋଇଥିବେ ସାଧାରଣତଃ ସେମାନଙ୍କ ଶରୀରରେ କୌଣସି ଲକ୍ଷଣ ଦେଖିବାକୁ ମିଳିନଥାଏ ।


## କୃମିମୁକ୍ତ ଶିଶୁ ପାଉଥିବା ଲାଭ




- ରକ୍ତହୀନତା ନିୟନ୍ତ୍ରଣ
- ପୌଷ୍ଟିକ ବୃଦ୍ଧି
- ଧ୍ୟାନ ବଢ଼ିବା ସହ ଶିକ୍ଷା ଦକ୍ଷତା ବୃଦ୍ଧି, ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ଉପସ୍ଥାନ ବୃଦ୍ଧି
- କାର୍ଯ୍ୟ ଦକ୍ଷତା ଏବଂ ଜିବୀକା ସୁଯୋଗ ଉନ୍ନତିରେ ସାହାଯ୍ୟ କରେ ।
- ଗୋଷ୍ଠୀରେ କୃମି ସଂକ୍ରମଣ ବୃଦ୍ଧିକୁ ରୋକାଯାଇପାରିବ ।




## କୃମିନାଶକ ଔଷଧ ସହ କୃମି ସଂକ୍ରମଣ ରୋକିବାର ଅନ୍ୟ ଅଭ୍ୟାସ



ଖୋଲା ସ୍ଥାନରେ ମଳତ୍ୟାଗ ବା ପରିସ୍ରା କରନ୍ତୁ ନାହିଁ । ସବୁବେଳେ ପାଇଖାନା ବ୍ୟବହାର କରନ୍ତୁ ।

ସାବୁନ୍‌ରେ ହାତ ଧୁଅନ୍ତୁ । ବିଶେଷକରି ଖାଇବା ପୂର୍ବରୁ ଓ ପାଇଖାନା ବ୍ୟବହାର ପରେ ।

ଯୋତା ବ୍ୟବହାର କରନ୍ତୁ ।

ନଖକୁ ଛୋଟ ଓ ସଫା ରଖନ୍ତୁ ।

ନଖକୁ ଛୋଟ ଓ ସଫା ରଖନ୍ତୁ ।

ଫଳ ଓ ପନିପରିବାକୁ ବିଶୁଦ୍ଧ ଜଳରେ ଧୁଅନ୍ତୁ ।

ନିଜର ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ।

ଗୋଷ୍ଠୀ, ଅଭିଭାବକ ଓ ପିଲାମାନଙ୍କୁ ଏହିଭଳି ଅଭ୍ୟାସ ସମ୍ପର୍କରେ ସୂଚନା ପ୍ରଦାନ କରନ୍ତୁ ।

## କୃମିନାଶକ ଔଷଧ ଉଭୟ ଶିଶୁ ଓ କିଶୋରଙ୍କ ପାଇଁ ନିରାପଦ

୧. ରୋଗୀ ବା ଅନ୍ୟ ଔଷଧ ସେବନ କରୁଥିବା ପିଲାଙ୍କୁ କୃମିନାଶକ ଔଷଧ ସେବନ ପାଇଁ ଦିଅନ୍ତୁ ନାହିଁ ।

୨. ଯେଉଁ ଶିଶୁମାନେ ଅସୁସ୍ଥ ଥିବେ କିମ୍ବା ଅନ୍ୟ କୌଣସି ଔଷଧ ଖଉଥିବେ ସେମାନଙ୍କୁ ଏହି ବଟିକା ଦିଆ ନଯାଉ ।

୩. ବଟିକାକୁ ଭଲ କରି ଚୋବେଇ ଖାଇବେ । ଶୁଦ୍ଧ ଜଳର ଆବଶ୍ୟକତା ସୁନିଶ୍ଚିତ କରେଇବେ । ଆଲ୍‌ବେଣ୍ଡା ଜୋଲ୍ ବଟିକାକୁ ଚୋବେଇ ନଖାଇବା ଦ୍ୱାରା ଏହାର ପ୍ରଭାବ କମ୍ ହୋଇଥାଏ

୪. ଯେଉଁମାନଙ୍କ ଦେହରେ ଅଧିକ କୃମି ସଂକ୍ରମିତ ହୋଇଥାଏ, ଔଷଧ ଖାଇବାପରେ ସେମାନଙ୍କ ଶରୀରରେ ଦେହ ଅସୁସ୍ଥ ଲାଗିବା, ପେଟରେ ଯନ୍ତ୍ରଣା ହେବା, ବାନ୍ତି ହେବା, ତରଳ ଝାଡ଼ା ହେବା ବା କ୍ଳାନ୍ତ ଲାଗିବା ଭଳି ଲକ୍ଷଣ ଦେଖିବାକୁ ମିଳିଥାଏ ।

୫. ଜରୁରୀ ସ୍ଥିତିରେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର/ ____ କୁ ଯୋଗାଯୋଗ କରନ୍ତୁ ।

**ଉତ୍ସାହର ସହ ଏହି କାର୍ଯ୍ୟକ୍ରମରେ ନିଜର ଭୂମିକା ନିର୍ବାହ କରନ୍ତୁ ଏବଂ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ଭାଗିଦାରୀ ହୁଅନ୍ତୁ ।**

Scanned by CamScanner